ସମଜୁବେନ୍ ଗୋର୍ଧାନଭାଇ କୋଲି

ବନାମ

ଗୁଜରାଟ ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 689/2005)

7 ଅକ୍ଟୋବର, 2010

**[ମାର୍କଣ୍ଡେୟ କାଟଜୁ ଏବଂ ଟି.ଏସ୍. ଠାକୁର, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ପ୍ରକ୍ରିୟା ସଂହିତା, 1973:*

*ଧାରା ଗୁଡିକ 432, 433 ଏବଂ 433 - ଦଣ୍ଡର କ୍ଷମା କିମ୍ବା ହ୍ରାସ - କଟକଣା - ନିମ୍ନ ଅଦାଲତ ଦ୍ୱାରା ଅଭିଯୁକ୍ତମାନଙ୍କ ଦୋଷୀ ସାବ୍ୟସ୍ତକରଣ - ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାଏମ - ଅବଶିଷ୍ଟ ଦଣ୍ଡର ହ୍ରାସ ପାଇଁ ପ୍ରାର୍ଥନା - ନିର୍ଣ୍ଣୟ ହେଲା: ହ୍ରାସ କେବଳ କାର୍ଯ୍ୟ ନିର୍ବାହୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର କରାଯାଇପାରିବ - ଅଭିଯୁକ୍ତ ସିଆରପିସିର ଧାରା 432 କିମ୍ବା ଭାରତୀୟ ସମ୍ବିଧାନର ଧାରା 72 କିମ୍ବା ଧାରା 161 ଅନୁଯାୟୀ ଦଣ୍ଡାଦେଶର କ୍ଷମା କିମ୍ବା ହ୍ରାସ ପାଇଁ ପ୍ରାର୍ଥନା କରି ଉପଯୁକ୍ତ ସରକାରଙ୍କ ଠାରୁ ଉପଯୁକ୍ତ ପ୍ରତିକାର ପାଇବା ପାଇଁ ମୁକ୍ତ ରହିବେ - ସିଆରପିସି ର ଧାରା 433 -A ସିଆରପିସି ର ଧାରା 432 କିମ୍ବା ଧାରା 433 ଅନୁଯାୟୀ କ୍ଷମତାକୁ ସୀମିତ କରିପାରିବ, କିନ୍ତୁ ଏହା ସମ୍ବିଧାନର ଅନୁଚ୍ଛେଦ 72 ଅନୁଯାୟୀ ଭାରତର ରାଷ୍ଟ୍ରପତି କିମ୍ବା ଅନୁଚ୍ଛେଦ 161 ଅନୁଯାୟୀ ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତାକୁ ସୀମିତ କରିପାରିବ ନାହିଁ, ଯେପରି କୌଣସି ସୀମାବଦ୍ଧତା ଆଇନ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ସାମ୍ବିଧାନିକ କ୍ଷମତାକୁ ସୀମିତ କରିପାରିବ ନାହିଁ ।ଏହାର କାରଣ ହେଉଛି ସମ୍ବିଧାନ ହେଉଛି ଏକ ଉଚ୍ଚତର ଆଇନ ଏବଂ ବିଧାନ ଏହାର ଅଧୀନସ୍ଥ - ଭାରତୀୟ ସମ୍ବିଧାନ, 1950 - ଅନୁଚ୍ଛେଦ 72 ଏବଂ 161 ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାରିତା :ଫୌଜଦାରୀ ଆବେଦନ ସଂଖ୍ୟା 689/2005 ।

ଫୌଜଦାରୀ ଆବେଦନ ସଂଖ୍ୟା 812/1995 ରେ ଅହମ୍ମଦାବାଦସ୍ଥିତ ଗୁଜୁରାଟ ଉଚ୍ଚ ନ୍ୟାୟାଳୟର 17.12.2003 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସି.ଡି. ପରମାର, ଡ. କୈଳାଶ ଚାନ୍ଦ ଏବଂ ଏସ୍. ତାଲୁକଦାର ।

ଉତ୍ତରଦାତାଙ୍କ ପାଇଁ ହେମନ୍ତିକା ୱାହି, ଜେସଲ ଏବଂ ରାନୁକା ସାହୁ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

**ଆଦେଶ**

ପକ୍ଷମାନଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ, ଫୌଜଦାରୀ ଆବେଦନ ସଂଖ୍ୟା 812/1995 ରେ ପାରିତ ହୋଇଥିବା ଗୁଜୁରାଟ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟ ଏବଂ ଆଦେଶ ବିରୁଦ୍ଧରେ ଦାୟର କରାଯାଇଛି ।

ଆକ୍ଷେପିତ ରାୟ ଏବଂ ଆଦେଶରେ ତଥ୍ୟଗୁଡିକ ପ୍ରଦାନ କରାଯାଇଛି ତେଣୁ ଆମେ ଏଠାରେ ତାହାର ପୁନରାବୃତ୍ତି କରୁନାହୁଁ ।

ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟ ଏବଂ ଆଦେଶକୁ ଯତ୍ନର ସହ ଅନୁଧ୍ୟାନ କରିବା ପରେ, ଆମର ମତ ହେଉଛି ଯେ ଏଥିରେ କୌଣସି ଅଦୃଢତା ନାହିଁ । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ବହୁତ ବିସ୍ତୃତ ଭାବରେ ବିଚାର କରିଛନ୍ତି ଏବଂ ଆବେଦନକାରୀଙ୍କ ଦଣ୍ଡବିଧାନକୁ କାଏମ ରଖିଛନ୍ତି । ଏହି ଆକ୍ଷେପିତ ରାୟ ଏବଂ ଆଦେଶ ସହ ଅସହମତି ପ୍ରକାଶ କରିବାର କୌଣସି କାରଣ ଆମେ ଦେଖୁ ନାହୁଁ ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି ।

09.05.2005 ତାରିଖର ଆଦେଶ ଦ୍ୱାରା ଏହି ନ୍ୟାୟାଳୟ ଆବେଦନକାରୀଙ୍କୁ ଜାମିନ ଆଦେଶ କରିଛନ୍ତି । ଜାମିନ ବଣ୍ଡଗୁଡ଼ିକୁ ରଦ୍ଦ କରିଦିଆଯାଇଛି । ଦଣ୍ଡାଦେଶର ଅବଶିଷ୍ଟ ଭାଗ ପୂରଣ କରିବା ପାଇଁ ଆବେଦନକାରୀଙ୍କୁ ତୁରନ୍ତ ହେପାଜତକୁ ନିଆଯାଇପାରିବ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଆବେଦନକାରୀଙ୍କୁ ତାଙ୍କର ଅବଶିଷ୍ଟ ଦଣ୍ଡରୁ ହ୍ରାସ ପ୍ରଦାନ କରାଯିବା ଉଚିତ । ଆମ ମତରେ, କେବଳ କାର୍ଯ୍ୟ ନିର୍ବାହୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ହ୍ରାସ ମଞ୍ଜୁର କରାଯାଇପାରିବ ।

ତଥାପି, ଆବେଦନକାରୀ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 432 କିମ୍ବା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 72 କିମ୍ବା 161 ଅନୁଯାୟୀ ଦଣ୍ଡ କ୍ଷମା କିମ୍ବା ହ୍ରାସ ପାଇଁ ପ୍ରାର୍ଥନା କରି ଉପଯୁକ୍ତ ସରକାରଙ୍କଠାରୁ ଉପଯୁକ୍ତ ପ୍ରତିକାର ପାଇବା ପାଇଁ ମୁକ୍ତ ହେବେ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ଅନୁଚ୍ଛେଦ 72 ଅନୁଯାୟୀ ଭାରତର ରାଷ୍ଟ୍ରପତି କିମ୍ବା ଅନୁଚ୍ଛେଦ 161 ଅନୁଯାୟୀ ରାଜ୍ୟପାଳଙ୍କ କ୍ଷମତା, ଏକ ସାମ୍ବିଧାନିକ କ୍ଷମତା ହୋଇଥିବାରୁ, ତାହା ସିଆରପିସି ର ଧାରା 433-A ଦ୍ୱାରା ଲାଗୁ ହୋଇଥିବା ପ୍ରତିବନ୍ଧକ ଅଧୀନରେ ରହିପାରିବ ନାହିଁ । ସିଆରପିସି ର ଧାରା 433-A ସିଆରପିସି ର ଧାରା 432 କିମ୍ବା ଧାରା 433 ଅନୁଯାୟୀ କ୍ଷମତାକୁ ସୀମିତ କରିପାରେ, କିନ୍ତୁ ଏହା ସମ୍ବିଧାନର ଅନୁଚ୍ଛେଦ 72 କିମ୍ବା 161 ଅନୁଯାୟୀ ସାମ୍ବିଧାନିକ କ୍ଷମତାକୁ ସୀମିତ କରିପାରିବ ନାହିଁ, ଯେପରି କୌଣସି ସୀମାବଦ୍ଧତା ଆଇନ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ସାମ୍ବିଧାନିକ କ୍ଷମତାକୁ ସୀମିତ କରିପାରିବ ନାହିଁ । ଏହାର କାରଣ ହେଉଛି ସମ୍ବିଧାନ ହେଉଛି ଏକ ଉଚ୍ଚତର ଆଇନ ଏବଂ ବିଧାନ ଏହାର ଅଧୀନସ୍ଥ ।

ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ମଧ୍ୟ ଦାୟର କରିପାରିବେ ଯଦି ଆବେଦନକାରୀ ଦଣ୍ଡ ହ୍ରାସ ପାଇଁ ରାଜ୍ୟ ସରକାରଙ୍କ କୌଣସି ନିୟମ କିମ୍ବା ଜି.ଓ. ର ସୁବିଧା ପାଇବାକୁ ହକଦାର ।

ଆର୍.ଆର୍. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।